ଷଷ୍ଠ ଅନ୍ତରୀଣ ରିପୋର୍ଟ ଦେଲେ ଚିଟ୍‌ଫଣ୍ଡ କମିସନ

ଚିହ୍ନଟ ପ୍ରକ୍ରିୟା ଆଉ ୩ ବର୍ଷ

କଟକ, ୧୨।୨ (ବ୍ୟୁରୋ) : ରାଜ୍ୟରେ ଚିଟଫଣ୍ଡ ଠକେଇ ଘଟଣାର ତଦନ୍ତ ପାଇଁ ଗଠିତ ଜଷ୍ଟିସ ମଦନ ମୋହନ ଦାସ କମିସନ ଚିହ୍ନଟ ହୋଇଥିବା କ୍ଷୁଦ୍ର ଜମାକାରୀଙ୍କ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ଷଷ୍ଠ ପର୍ଯ୍ୟାୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । ୧୭ହଜାର ୬୭୭ ପୃଷ୍ଠାର ଏହି ରିପୋର୍ଟରେ ୧୦ହଜାରରୁ କମ୍ ପୁଞ୍ଜି ବିନିଯୋଗ କରିଥିବା ୧ଲକ୍ଷ ୪୩ହଜାର ୪୬୩ କ୍ଷୁଦ୍ର ଜମାକାରୀ ପ୍ରସଙ୍ଗରେ ତଥ୍ୟ ରହିଥିବାବେଳେ ଚିହ୍ନଟ ହୋଇଥିବା ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିବା କମିସନ ସୂଚନା ଦେଇଛନ୍ତି । ଏହି ପର୍ଯ୍ୟାୟରେ ୨୨୯ଜଣ ଜମାକାରୀ ଟଙ୍କା ଫେରସ୍ତ ପାଇଥିବାବେଳେ ୯୪ ମାମଲାର ତଦନ୍ତରେ ଅନ୍ତ ଘଟିଥିବା ଜଣାଯାଇଛି । ଅଦ୍ୟାବଧି ସମୁଦାୟ ୩ଲକ୍ଷ ୬୧ହଜାର ୮୧୭ ଜମାକାରୀ ଚିହ୍ନଟ ହୋଇଥିବାବେଳେ ସମୁଦାୟ ୧୭୧୪ ଜଣ କ୍ଷୁଦ୍ର ଜମାକାରୀ ଅର୍ଥ ଫେରସ୍ତ ପାଇଥିବା କମିସନ ସୂଚନା ଦେଇଛନ୍ତି । ଏହି ଚିହ୍ନଟ ପ୍ରକ୍ରିୟା ଆହୁରି ୨/୩ବର୍ଷ ଲାଗିବ ବୋଲି କମିସନ ସୂଚନା ଦେଇଛନ୍ତି । କମିସନ ପ୍ରଥମତଃ ୮ଲକ୍ଷ ୧୭ହଜାର ୨୫୩ ସତ୍ୟପାଠ ମିଳିଥିବାବେଳେ ୭୯ହଜାର ୦୫୯ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ରହିଥିଲା । ଏହାପରେ ନୂତନ ଭାବେ ୬ଲକ୍ଷ ସତ୍ୟପାଠ ମିଳିଥିବାବେଳେ ଅଦ୍ୟାବଧି ୩ଲକ୍ଷ ୬୧ହଜାର, ୮୧୭ ଜମାକାରୀ ଚିହ୍ନଟ ହୋଇଛନ୍ତି । ନୂତନ ସତ୍ୟପାଠକୁ ଡିଜିଟାଇଜ କରିବା ପାଇଁ କମିସନ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ୨୦୧୮, ଜୁନ ୧ତାରିଖ ଠାରୁ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ କମିସନ ତଦନ୍ତ କରି ପାଖାପାଖି ୭୦୦କମ୍ପାନୀଙ୍କୁ ନୋଟିସ ଜାରି କରିଥିଲେ । ବିଭିନ୍ନ କମ୍ପାନୀ କମିସନଙ୍କ କାର୍ଯ୍ୟାଳୟରେ ହାଜର ହୋଇ ୨୨୯ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିଛନ୍ତି । ତେବେ ୨ଲକ୍ଷ ୨୪ହଜାର ୨୫୩ ସତ୍ୟପାଠ ଯାଞ୍ଚ କରାଯାଇଥିବାବେଳେ ୫୨୨ଟି ଚିଟଫଣ୍ଡ ସଂସ୍ଥା ସଂପର୍କରେ ରିପୋର୍ଟ ପ୍ରଦାନ କରାଯାଇଛି । ଏହି ରିପୋର୍ଟରେ କୋଲକାତା ଭିୟାର ଇଣ୍ଡଷ୍ଟ୍ରିଜ୍ ସଂସ୍ଥାର ସର୍ବାଧିକ ୨୩ହଜାର ୪୮୮ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିବାବେଳେ ବାସିଲ ଇଣ୍ଟରପ୍ରାଇଜର୍ସ ସଂସ୍ଥାର ୧୫, ୫୮୮, ସାଇନ ଇଣ୍ଡିଆ ଗ୍ରୁପର ୮,୬୮୯, ଗ୍ରୀନ-ରେ ସଂସ୍ଥାର ୬,୮୧୨, ଆଞ୍ଜେଲ ଆଗ୍ରିଟେକ୍ ସଂସ୍ଥାର ୫,୦୦୪, ନବଜ୍ୟୋତି ରିଅଲଷ୍ଟିକ ଇଣ୍ଡିଆର ୪,୩୫୩, ସି-ସୋର ସଂସ୍ଥାର ୪,୨୨୯, ସେଡିଲ ଗ୍ରୁପର ୨,୮୦୦, ସାରଦା ଗ୍ରୁପର ୪,୯୧୨, ଆଇ-କୋର୍ ସର୍ଭିସେସ ସଂସ୍ଥାର ୩,୪୧୮, ଆସ୍ଥା ଗ୍ରୁପର ୨,୧୮୬, ଆ-ସୋର୍ ସଂସ୍ଥାର ୨,୦୨୮, ଫ୍ଲୋରିସ ଡେଭଲପମେଣ୍ଟ ସଂସ୍ଥାର ୯୪୪ କ୍ଷୁଦ୍ର ଜମାକାରୀଙ୍କୁ କମିସନ ଚିହ୍ନଟ କରିଛନ୍ତି ।

୧୭ହଜାର ୬୭୭ ପୃଷ୍ଠାରେ ଅଛନ୍ତି ୧.୪୩ ଲକ୍ଷ କ୍ଷୁଦ୍ର ଜମାକାରୀ

ଅଦ୍ୟାବଧି ୩.୬୧ଲକ୍ଷ ଜମାକାରୀ ଚିହ୍ନଟ, ୧୭୧୪ଙ୍କୁ ଅର୍ଥ ଫେରସ୍ତ

କମିସନ ୨୦୧୬ ମେ ୨୫ରେ ସରକାରଙ୍କୁ ପ୍ରଥମ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଥିଲେ । ୨୦୧୭ ଫେବ୍ରୁଆରୀ ୩ରେ ଦ୍ୱିତୀୟ ଓ ତୃତୀୟ ଅନ୍ତରୀଣ ରିପୋର୍ଟ ଓ ୨୦୧୮, ଜାନୁଆରୀ ୧୮ ତାରିଖରେ ଚତୁର୍ଥ ଅନ୍ତରୀଣ ରିପୋର୍ଟ ଏବଂ ପଞ୍ଚମ ରିପୋର୍ଟ ଜୁଲାଇ ୧୩ରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ।

ବିଷାକ୍ତ ଖାଦ୍ୟ ଖାଇ ସେବାଶ୍ରମ ଛାତ୍ରୀ ମୃତ

ଭୋଗରାଇ, ୧୨।୨ (ନି.ପ୍ର) : ବିଷାକ୍ତ ଖାଦ୍ୟ ଖାଇ ଭୋଗରାଇ ବ୍ଲକ ରାମଚନ୍ଦ୍ରପୁର ସେବାଶ୍ରମର ଜଣେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲରେ ତାଲା ପକାଇଛନ୍ତି । ଏହି ଘଟଣାରେ ବାଲେଶ୍ୱର ଜିଲାପାଳ ରମଶେ ଚନ୍ଦ୍ର ରାଉତ ସେବାଶ୍ରମର ପ୍ରଧାନ ଶିକ୍ଷକ କାଳୀଚରଣ ମାରାଣ୍ଡିଙ୍କୁ ନିଲମ୍ବନ କରିଛନ୍ତି । ତତ୍ତ୍ୱାବଧାରିକା ସୁଷମା ସାହୁ ଏବଂ ୨ ପାଚିକା ବନ୍ଦନା ସିଂ ଓ ପାର୍ବତୀ ସିଂଙ୍କୁ ମଧ୍ୟ ସେ ବହିଷ୍କୃତ କରିଛନ୍ତି ।

ଏଠାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରୀଙ୍କ ପାଇଁ ଶହେ ଶଯ୍ୟା ବିଶିଷ୍ଟ ସେବାଶ୍ରମ ରହିଛି । ମଙ୍ଗଳବାର ସକାଳେ ସେବାଶ୍ରମର ୫ମ ଶ୍ରେଣୀର ଛାତ୍ରୀ ରାଇବଣିଆ ଥାନା କଣ୍ଡରାଡିହା ଗାଁର ମେଘାଇ ହାଁସଦାଙ୍କ ଝିଅ ଝୁମରି ହଠାତ୍ ଅସୁସ୍ଥ ହୋଇପଡିଥିଲେ । ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଝୁମରିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାକୁ ଲାଗିଥିଲା । ସଂଧ୍ୟାରେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ରାତି ୯.୪୫ରେ ଚିକିତ୍ସାଧୀନ ଅବସ୍ଥାରେ ଝୁମରିର ମୃତ୍ୟୁ ହୋଇଥିଲା । ଏହାଛଡା ବୁଧବାର ସକାଳେ ଅନ୍ୟ ଜଣେ ୫ମ ଶ୍ରେଣୀର ଛାତ୍ରୀ ମଧ୍ୟ ଅସୁସ୍ଥ ହୋଇପଡିଥିବାବେଳେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି । ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅନ୍ତେବାସିନୀଙ୍କୁ ବାସି ଖାଦ୍ୟ ଖାଇବାକୁ ଦିଆଯିବା ସହିତ ସ୍କୁଲ ପରିସର ପରିଷ୍କାର କରାଯାଉ ନଥିବା ଅଭିଯୋଗ କରି ଗ୍ରାମବାସୀ ଉତ୍ୟକ୍ତ ହୋଇଥିଲେ । ସକାଳେ ଡିଡବ୍ଲୁଓ ରାଜୀବ

ପ୍ରଧାନଶିକ୍ଷକ ନିଲମ୍ବିତ, ଦୁଇ ପାଚିକା ଓ ତତ୍ତ୍ୱାବଧାରିକା ବହିଷ୍କୃତ

କୁମାର ସାହୁ ଅନୁସନ୍ଧାନ ପାଇଁ ଉକ୍ତ ସେବାଶ୍ରମରେ ପହଞ୍ଚି ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ । ତାଙ୍କୁ ତାଲା ପକାଇ ସ୍କୁଲ ଭିତରେ ବନ୍ଦ କରିଦେଇଥିଲେ । ମୃତ ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ପ୍ରଧାନ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅବହେଳାରୁ ଏହିଭଳି ଦୁଃଖଦ ଘଟଣା ଘଟିଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଅପରାହ୍ଣରେ ଭୋଗରାଇ ତହସିଲର ଅତିରିକ୍ତ ତହସିଲଦାର ଡ. ପୃଥୁରାଜ ପରିଡା ଓ କମର୍ଦ୍ଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଥଣ୍ଡା ପଡିଥିଲା ।

ପରକୀୟା ପ୍ରୀତି ପାଇଁ ଡବଲ ମର୍ଡର

ବାଲେଶ୍ୱର, ୧୨।୨ (ସ.ପ୍ର): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ରାଣୀପାଟଣା ବ୍ୟାଙ୍କ କଲୋନୀରେ ପରକୀୟା ପ୍ରୀତି ପାଇଁ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସ୍ୱାମୀର ଶାବଳ

ପତିର ଶାବଳ ପାହାରରେ ପତ୍ନୀ ଓ ପ୍ରେମିକର ଜୀବନ ଗଲା

ପାହାରରେ ପତ୍ନୀ ଓ ପ୍ରେମିକର ମୃତ୍ୟୁ ହୋଇଛି । ହତ୍ୟାକାଣ୍ଡ ପରେ ସ୍ୱାମୀ ନିଜର ସମ୍ପର୍କୀୟଙ୍କୁ ଖବର ଦେବା ସହିତ ପୁଲିସକୁ ମଧ୍ୟ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇଥିଲା । ହତ୍ୟାର ଶିକାର ହୋଇଥିବା ଯୁବକ ଜଣଙ୍କ ନାମ ପ୍ରଦୀପ କୁମାର ଦେ ଓ ତାଙ୍କ ଘର ରେମୁଣା ବ୍ଲକ ସୀମାନ୍ତ ତଥା ମୟୂରଭଞ୍ଜ ଜିଲାର ନୁଣୁପୁଆ ଅଞ୍ଚଳରେ । ମୃତ ପତ୍ନୀଙ୍କ ନାଁ ଲକ୍ଷ୍ମୀପ୍ରିୟା ସାହୁ(୩୬) । ଏହି ହତ୍ୟାକାଣ୍ଡ ନେଇ ସହଦେବଖୁଣ୍ଟା ଥାନାରେ ୩୯/୧୮ ମୂଳେ ମାମଲା ରୁଜୁ ହୋଇଥିବାବେଳେ ହତ୍ୟା ଅଭିଯୁକ୍ତ କୈଳାସ ସାହୁ (୪୦)କୁ ପୁଲିସ ଗିରଫ କରିଛି ।

ରାଣୀପାଟଣା ବ୍ୟାଙ୍କ କଲୋନୀରେ କୈଳାସ ଓ ଲକ୍ଷ୍ମୀପ୍ରିୟା ରହୁଥିବାବେଳେ ତାଙ୍କର ସପ୍ତମ ଶ୍ରେଣୀରେ ପଢୁଥିବା ପୁଅଟିଏ ଅଛି । ଅଭିଯୁକ୍ତ ସ୍ୱାମୀଙ୍କ ମାନସିକ ଅବସ୍ଥା ଭଲ ନଥିବା ଓ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ପତିଙ୍କୁ ନେଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ବେଳେ ଲକ୍ଷ୍ମୀପ୍ରିୟାଙ୍କୁ ଡାକ୍ତରଖାନାରେ ସହାୟତା କରିଥିଲେ ପ୍ରଦୀପ । ପ୍ରଦୀପ ସେତେବେଳେ ଡାକ୍ତରଖାନାରେ ଠିକାରେ ଚାକିରି କରୁଥିଲେ । ଏହି ସମ୍ପର୍କ ଧୀରେ ଧୀରେ ପାରିବାରିକ ହୋଇ ଯାଇଥିଲା । ପ୍ରଦୀପ ଅନେକ ସମୟରେ କୈଳାସଙ୍କ ଘରକୁ ଆସୁଥିଲା ଓ ଘରେ ରାତିରେ ରହୁଥିଲା । କୈଳାସଙ୍କର ମାନସିକ ସ୍ଥିତି ଭଲ ନଥିବାବେଳେ ତାଙ୍କର କିଡ଼ନୀ ସମସ୍ୟା ମଧ୍ୟ ରହିଥିବା କୁହାଯାଉଛି । ପ୍ରଦୀପ କୈଳାସଙ୍କୁ ଚିକିତ୍ସାରେ ସହାୟତା କରିବା ସହ ତାଙ୍କରି ଘରେ ରହୁଥିଲା । ଧିରେ ଧିରେ ଲକ୍ଷ୍ମୀପ୍ରିୟାଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା । ହେଲେ ଏହାକୁ କୈଳାସ ସମ୍ପୂର୍ଣ୍ଣ ଖୋଲାଖୋଲି ବିରୋଧ କରିପାରୁ ନଥିଲେ ବି ପତ୍ନୀଙ୍କୁ ବାରମ୍ବାର ତା ସହିତ ନମିଶିବା ପାଇଁ ତାଗିଦ କରିଥିଲେ । ଏମିତି କି ଘର ଭିତରେ ୧୨ ବର୍ଷର ପୁଅ ଉପସ୍ଥିତିରେ ଅନ୍ୟ ଯୁବକଙ୍କ ସହିତ ମିଳାମିଶାକୁ ପୂର୍ବରୁ ତୀବ୍ର ବିରୋଧ କରିଥିଲେ । ହେଲେ ରୋଗଗ୍ରସ୍ତ ସ୍ୱାମୀଙ୍କ କଥାକୁ ସ୍ତ୍ରୀ ଧ୍ୟାନ ଦେଇ ନଥିଲେ । ପ୍ରଦୀପ ବାରମ୍ବାର ତାଙ୍କ ଘରକୁ ଆସି ରାତିରେ ରହୁଥିଲା । ପ୍ରଦୀପର ଏଭଳି ରହିବା କଥାକୁ ଆଜିମାବାଦରେ ରହୁଥିବା ଲକ୍ଷ୍ମୀପ୍ରିୟାଙ୍କ ମାଉସୀ ମଧ୍ୟ ବିରୋଧ କରିଥିଲେ ଓ ସେ କାହିଁକି ଘରକୁ ବାରମ୍ବାର ଆସୁଛି ବୋଲି ପୂର୍ବରୁ କହିଥିଲେ । ତଥାପି ପ୍ରଦୀପ କୈଳାସଙ୍କ ଘରକୁ ନିୟମିତ ଆସୁଥିଲେ ।

ମଙ୍ଗଳବାର ସକାଳେ କୈଳାସ ପୁଲିସକୁ ହତ୍ୟାକାଣ୍ଡ ସମ୍ପର୍କରେ ନିଜେ ଖବର ଦେଇଥିଲେ । ଦିନ ପ୍ରାୟ ୧୦ଟା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ କୈଳାସ ଘର ଭିତରେ ନିଜ ପୁଅ ସହିତ ଥିଲା । ଶୋଇବା ଘରେ ଖଟ ପଡ଼ିଥିଲା । ମାତ୍ର ପ୍ରଦୀପ ଓ ଲକ୍ଷ୍ମୀପ୍ରିୟା ଖଟ ତଳେ ରେଜେଇ ଘୋଡ଼ି ହୋଇ ଶୋଇଥିବା ବେଳେ ଦୁଇ ଜଣଙ୍କ ମୁଣ୍ଡକୁ ଛେଚା ହୋଇଥିବା ପୁଲିସ ଦେଖିବାକୁ ପାଇଥିଲା । ମୃତ ପ୍ରଦୀପର ବାଇକ ଶୋଇବା ଘର ନିକଟରେ ଥିବା ଚାଳିଆରେ ଥିବା ଦେଖିବାକୁ ମିଳିଥିଲା । ଘର ଭିତରେ ଗାଡ଼ି ରହିଥିବା ଦେଖି ପ୍ରଦୀପ ନିୟମିତ ଏଠାକୁ ଆସେ ଓ ପରିବାର ସହ ପରିଚିତ, ସେ କଥା ପୁଲିସ ସ୍ପଷ୍ଟ ହୋଇଥିଲା । ଅନ୍ୟପକ୍ଷରେ କୈଳାସ ପୁଲିସ ସମ୍ମୁଖରେ ହତ୍ୟାକାଣ୍ଡ ସମ୍ପର୍କରେ ଟିକିନିଖି କହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ମୃତକ ଦୁଇଜଣ ଶୋଇଥିବା ଅବସ୍ଥାରେ ମୁଣ୍ଡକୁ ଶାବଳରେ ପାହାର ଦିଆଯାଇଥିବା ପୁଲିସ କହିଛି । ହତ୍ୟାକାଣ୍ଡରେ ଅନ୍ୟ କେହି ସମ୍ପୃକ୍ତ ଥିବାର ପ୍ରମାଣ ଆପାତତଃ ନାହିଁ ବୋଲି ମଧ୍ୟ ପୁଲିସ କହିଛି । ଘଟଣାସ୍ଥଳରେ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ଶିଳ୍ପାଞ୍ଚଳ ଥାନାଧିକାରୀ ପରେଶ କୁମାର ରାଉତଙ୍କ ସହ ପୁଲିସ ଟିମ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିବା ପରେ ଶବ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ରହିତାଦେଶ ଅବଧି ୬ ମାସ

କଟକ,୧୨।୨(ବ୍ୟୁରୋ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏଣିକି କୌଣସି ମାମଲାର ଶୁଣାଣି ଉପରେ ଜାରି ହୋଇଥିବା ରହିତାଦେଶ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଳବତ୍ତର ରହି ପାରିବ ନାହିଁ । କୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ ୬ ମାସ ପରେ ଆପେ ଆପେ ହଟିଯିବ । ଯଦି ବିଚାରାଧୀନ ମାମଲାର ଶୁଣାଣି ଉପରେ ରହିତାଦେଶ ଆଦେଶ ବୃଦ୍ଧି ପାଇଁ ସାନି ଆଦେଶ ଅଦାଲତ ପ୍ରଦାନ କରିନଥାନ୍ତି; ତେବେ ଏମିତି ପରିସ୍ଥିତିରେ ଏପରି ଅନ୍ତରୀଣ ନିର୍ଦ୍ଦେଶ ଜାରି ହେବାର ୬ ମାସ ପରେ ଆପେ ଆପେ ଅକାମୀ ହୋଇଯିବ ବୋଲି ୨୦୧୮, ମାର୍ଚ୍ଚ ୨୮ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟ ବା ନିମ୍ନ ଅଦାଲତରେ ଦୁର୍ନୀତି ନିବାରଣ ଆଇନ କିମ୍ବା ଅନ୍ୟ ଦେୱାନୀ ଓ ଅପରାଧିକ ବିଚାରାଧୀନ ମାମଲାରେ ଯଦି ଶୁଣାଣି ଉପରେ କୌଣସି ରହିତାଦେଶ ଥାଏ; ତେବେ ତାହା ଆପେ ଆପେ ୬ ମାସ ପରେ ଉଠିଯିବ ବୋଲି ୨୦୧୮, ମାର୍ଚ୍ଚ ୨୮ର ସୁପ୍ରିମକୋର୍ଟଙ୍କ ରାୟରେ ସ୍ପଷ୍ଟ କରାଯାଇଥିଲା । ଓଡ଼ିଶା ହାଇକୋର୍ଟ ଅଧିନରେ ଥିବା ସମସ୍ତ ଅଦାଲତରେ ଏପରି ନିୟମ ଲାଗୁ ପାଇଁ ପଦକ୍ଷେପ ନିଆଯାଇଛି । ସୁପ୍ରିମକୋର୍ଟଙ୍କ ଏପରି ନିର୍ଦ୍ଦେଶ ସଂପର୍କରେ ରାଜ୍ୟର ସମସ୍ତ ଅଦାଲତ ଗୁଡିକୁ ଅବଗତ କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଏହି ଅବଧି ଶେଷ ହେବା ପରେ ସମସ୍ତ ଅଦାଲତ ଅନ୍ୟ କୌଣସି ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା ନ କରି ପୂର୍ବରୁ ରହିତାଦେଶ ଥିବା ମାମଲା ଗୁଡିକର ଶୁଣାଣି କ୍ଷେତ୍ରରେ ଆଗେଇବା ପାଇଁ ହାଇକୋର୍ଟ ପକ୍ଷରୁ ଜାରି ଷ୍ଟାଣ୍ଡିଂ ଅର୍ଡରରେ କୁହାଯାଇଛି । ଯଦି ପୂର୍ବରୁ ଜାରି କରାଯାଇଥିବା ରହିତାଦେଶ ଅବଧି ବୃଦ୍ଧି ସଂପର୍କରେ କୌଣସି ନିର୍ଦ୍ଦେଶନାମା ଅଦାଲତରେ ଉପସ୍ଥାପନ କରା ନ ଯାଏ ତେବେ ମାମଲାର ଶୁଣାଣି ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ଅବଧି ଶେଷ ପରେ ଜାରି ରଖିବାକୁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ

ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମିଳିନାହିଁ: କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୨।୨(ନି.ପ୍ର): ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ପୀଠ (ପରମାନେଣ୍ଟ ବେଞ୍ଚ) ସ୍ଥାପନ ପ୍ରସଙ୍ଗରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମିଳି ନାହିଁ ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି । ରାଜ୍ୟସଭାରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ନ୍ୟାୟ ଓ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପି ପି ଚୌଧୁରୀ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମା ରିଟ ସଂଖ୍ୟା: ୩୭୯/୨୦୦୦ ଏବଂ ଜଶବନ୍ତ ସିଂ କମିଶନଙ୍କ ସୁପାରିଶ ଅନୁଯାୟୀ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ପୂର୍ଣ୍ଣାଙ୍ଗ ପ୍ରସ୍ତାବ, ସଂପୃକ୍ତ ରାଜ୍ୟର ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ସୁପାରିଶ ଏବଂ ରାଜ୍ୟପାଳଙ୍କ ଅନୁମୋଦନ ନିହାତି ଜରୁରୀ । ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ଏବଂ ଭିତ୍ତିଭୂମି ଯୋଗାଇ ଦେବା ସହ ଉଭୟ ମୂଳ ପୀଠ ଏବଂ ସ୍ଥାୟୀ ପୀଠର ଖର୍ଚ୍ଚ ବହନ କରିବେ । ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ସଂପୃକ୍ତ ସ୍ଥାୟୀ ପୀଠର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟକୁ ନିୟନ୍ତ୍ରିତ କରିବା ସହ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ନିୟମିତ ଅନ୍ତରାଳରେ ସଂପୃକ୍ତ ପୀଠରେ ବିଚାର ଦାୟିତ୍ୱ ନ୍ୟସ୍ତ କରିବେ । ଉଭୟ ରାଜ୍ୟ ସରକାର ଓ ଉଚ୍ଚ ନ୍ୟାୟାଳୟର ଗୁରୁଦାୟିତ୍ୱ ଥିବାରୁ ଉଭୟେ ବିଭିନ୍ନ ଦିଗକୁ ବିଚାରକୁ ନେଇ ସହମତି ଭିତ୍ତିରେ ନିଷ୍ପତ୍ତି ନେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଉଚ୍ଚ ନ୍ୟାୟାଳୟର ଦୁଇଟି ସ୍ଥାୟୀ ପୀଠ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ହସ୍ତଗତ ହୋଇଛି । ମତାମତ ଜଣାଇବାକୁ କେନ୍ଦ୍ର ସରକାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଚଠି ଲେଖିଛନ୍ତି । ଅଦ୍ୟାବଧି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ଉତ୍ତର ମିଳି ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ଜଣାଇଛନ୍ତି । ଏବାବଦରେ ଓଡ଼ିଶା ସରକାରଙ୍କୁ ଚିଠି ମାଧ୍ୟମରେ ଅନେକ ଥର ଅବଗତ କରାଯାଇଛି । ଗତ ଜାନୁଆରୀ ୧୨ରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ଚିଠି ଲେଖି ଜଣାଇଛନ୍ତି ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି ।

ସୁବର୍ଣ୍ଣରେଖାରେ ଟାଟାଷ୍ଟିଲ କରିବ ବନ୍ଦର

ଭୁବନେଶ୍ୱର,୧୨।୨(ନି.ପ୍ର):ପରିବହନ ବ୍ୟବସ୍ଥାକୁ ସୁଗମ କରିବାପାଇଁ ସୁବର୍ଣ୍ଣରେଖାନଦୀର କେନ୍ଦ୍ରାପଡାରେ ଟାଟାଷ୍ଟିଲ ପକ୍ଷରୁ ଏକ ବୃହତ୍ତ ବନ୍ଦର ନିର୍ମାଣ କରାଯିବ । ଏଥିରେ ଟାଟାଷ୍ଟିଲର ୫୧ପ୍ରତିଶତ ଅଂଶଧନ ନିବେଶ କରିବାକୁ ଥିବାବେଳେ ରାଜ୍ୟ